ଭୀଷ୍ମଙ୍କ ପ୍ରତିଜ୍ଞା

ଶୁଣ ହୋ ବଇବସୁତ ମନୁ ବଦନ୍ତି ଅଗସ୍ତି
ଦେବୀଙ୍କି ଅନେକ ସ୍ତୁତି କଲେକ ଭୀଷ୍ମ ମହାରଥୀ । ୧ ।
ଅନେକ ବାଞ୍ଛା କରନ୍ତି ଗଙ୍ଗାର ତନୟ ମହାରଥୀ
ବିଭାକୁ ଅନକୂଳ ଯୋଗ ମୋତେ ଦେବା ଜଗତମାତା । ୨ ।
ଯେ ତୋତେ ଆରାଧନା କରଇ କରୁ ତାକୁ ରକ୍ଷା
ଭଗତଜନମସ୍ଳଳୀ ଗୋ ପୂରାଅ ମୋର ମନବାଞ୍ଛା । ୩ ।
ଶିରେଣ ରତ୍ନମଣି ଗୋ ମୁକୁଟ ଝଳହଳା
ହୃଦେଣ ଭୂଷଣ କଣ୍ଠେଣ ରତ୍ନମାଳା । ୪ ।
ତାତ ତୋଢର ସୀମନ୍ତି ଜଗଦଳା କର୍ଣ୍ଣେ କର୍ଣ୍ଣାଞ୍ଚଳ
ଖେଳନ୍ତା ସିଂହ ଜାଣି ଦିଶଇଂ ଜାହ୍ନବୀର ବାଳ । ୫ ।

--------

୪ ।୧ ଯେ ତୋତେ ଆରତେ ଚିନ୍ତନ୍ତି ପୂରାଅ ମନବାଞ୍ଛା ।
୩ ।୨ ଭଗତ ମସ୍ଳଳୀ ଗୋ ଯାହାର ଯେଉଁ ଇଚ୍ଛା । ମସ୍ଳଳୀ-ବସ୍ଳଳୀ ।
୪ ।୨ ହୃଦେଣ ପଦେକ ଗୋ କଣ୍ଠେଣ ବନମାଳା ।

ନୟନେ ଅଞ୍ଜନ ଗୋ ପୟରେଣ ଅଳତା
ନବତନ ବସନ କୁଙ୍କୁମ ଭୂଷଣେ ମନ୍ତ୍ରସୂତା । ୬ ।
ଦଧିମାଛ ଅନକୂଳ ଶୁଭଯୋଗ ଘେନି fish in curd as auspicious
ଗଣିକାଗଣମାନେ ଦିଅନ୍ତି ହୁଳହୁଳି ଧ୍ୱନି । ୭ । repetitive, nay ଗଣ vs ଗଣିକା ପୁରୁଷ?
ବେନି ଲକ୍ଷ ଚାମର ଢାଳନ୍ତି ସନ୍ନିଧାନେ
ବିଜୟେ ଗାଙ୍ଗେବ ଯାଇଂ ଶାୟେନ୍ତନୁଙ୍କ ବିଦ୍ୟମାନେ । ୮ । ସଂଖ୍ୟା
ପାଦେଣ ପାଦ ଅର୍ଘ୍ୟ ଦେଇଣ ପରିଣାମି
ବିଭା କାର୍ଯ୍ୟକୁ ବିଜୟେ କରିବା ଦେବ ସ୍ୱାମୀ । ୯ ।
ଦଧିବାମନ ସୁମରି ଅନକୂଳ କରିବା
ପଦ୍ମନାଭ ରାଜ୍ୟକୁ ଦେବ ବିଜେ କରି ଯିବା । ୧୦ ।
ଭୀଷ୍ମଙ୍କ ମୁଖରୁ ୟେସନେକ ବାକ୍ୟ ଶୁଣି
ଶାୟେନ୍ତନୁ ଧର୍ମ୍ମୀଭୂତ ପୂର୍ବ ବେବସ୍ଥାୟେ ଜାଣି । ୧୧ ।
ହେଠମାଥ ହୋଇ ବସିଲେ ତପନିଷ୍ଠି
ବେନି ଲୋଚନରୁ ହୋଇଲା ଅଶ୍ରୁଜଳ ବୃଷ୍ଟି । ୧୨ ।
ପିତାର କ୍ରୋଧ ଦେଖି ପଚାରନ୍ତି ମହାରଥୀ
ସାନନ୍ଦେଣ ଅଶ୍ରୁଜଳ କି ବିଷାଦେଣ ପିତା ମତି ? ୧୩ ।
ଶାୟେନ୍ତନୁ ବୋଇଲେ ଭୀଷ୍ମଙ୍କ ମୁଖ ଚାହିଁ
ବାବୁ ଆନନ୍ଦ ହୋଇଲି ତୋହୋର ବୋଲ ପାଇ । ୧୪ ।
ପୁଣ ବିଷାଦ ହୋଇଲି ବାବୁ ମୁଂ ପୂର୍ବର କଥା ମଣି
ଚକ୍ଷୁକେ ଆନନ୍ଦ ଚକ୍ଷୁକେ ବିଷାଦ ସେ ବହଇ ପାଣି । ୧୫ ।
ଭୀଷ୍ମ ବୋଇଲେ ଆନନ୍ଦ ହୋଇଲ ମୋତେ ଦେଖି
ବିଷାଦ ସ୍ଥାନ କେହୁ ସ୍ୱାମୀ କହ ଉପଲେଖି । ୧୬ ।

--------

୬ ।୨ ନବତନ ବସନ ପତନୀ ଭୁଜେ ମଙ୍ଗଳ ସୂତା । ପାଠାନ୍ତର ମାନ
୬ ।୨ ନବତନ ବସନ ପିନ୍ଧା କାନ୍ଧେଣ ପବିତ୍ର ସୂତା । ପାଠାନ୍ତର ମାନ
୬ ।୨ ନବତମ ବସନ ଶୋଭା ଭୁଜେଣ ମନ୍ତ୍ର ସୂତା । ପାଠାନ୍ତର ମାନ

୮ ।୨   ଡାକନ୍ତି ଚଣ୍ଡପୁତ୍ର କୟେବାର ବିଧାନ ।
୧୩ ।୨  ଆନନ୍ଦେଣ ଅଶ୍ରୁଜଳ କି ବିଷାଦେଣ କ୍ରୋଧମତି ।
୧୬ ।୨  ବିଷାଦ ହୋଇଲେ କିଂପା ଆନେ ଧଉର୍ଯ୍ୟ ଉପେକ୍ଷି ।
୧୩ ।୧  କ୍ରୋଧ-ଶୋକ ୧୬-୨-ଉପଲେଖି-ଉପନ୍ୟାସି-ଯଥାର୍ଥତଃ ଭାବି

ଶାୟେନ୍ତନୁ ବୋଇଲେ ବାବୁ ତୋହୋର ମାତା ଗାଙ୍ଗୀ
ତୋତେ ନାଶ କରନ୍ତେ ଆମ୍ଭେ ହୋଇଲୁ ବଇରାଗୀ । ୧୭ ।
ରାଗେଣ ତାହାଙ୍କୁ ଆମ୍ଭେ ବୋଇଲୁ ଭର୍ତ୍ସନା
ନ ସହି ଚଳି ଯାନ୍ତେ ଅନାଦି ଅପର୍ଣ୍ଣା । ୧୮ ।
ଆମ୍ଭେ ଯାଇ ଗଙ୍ଗାକୁ ଧଇଲୁ କୋଳ କରି
ପ୍ରସବ କରି ଗଙ୍ଗା କି-  ପୁଅନ୍ତ ପକାଇଲୁ ମାରି । ୧୯ ।
ଗଙ୍ଗା ବୋଇଲା ମୁଁ ତୋହୋର ପରମ ଗୁରୁ
ବରତ ପୂରିଲା ମୋର କିଂପାଇ ମୋତେ ଧରୁ । ୨୦ ।
କୋପେଣ ଶାପ ମୋତେ ଦେଲେକ ଧବଳୀ
ୟେ ପୁତ୍ରର ବୀର୍ଯ୍ୟେ ପୁତ୍ର ଉପୁଜିଲେ ତୁ ହୋଇବୁ ବିଷାବଳି । ୨୧ ।
ବାବୁ ତୁ ଯେବେ ବିଭାରେ ହୋଇବୁ ନନ୍ଦନ
ଅବଶ୍ୟ ପୁତ୍ର ଯେ ତୋହୋର ହୋଇବ ଉତପନ୍ନ । ୨୨ ।
ବାବୁ ତୋହୋର ମାତା ଯେ ଶାପ ଦେଇଅଛି ମୋତେ
ଅବଶ୍ୟ ଶିର ଛେଦନ ହୋଇବି ତୋହୋର ପୁତ୍ରଙ୍କର ହାଥେ । ୨୩ ।
ପିତାର ବଚନ ଶୁଣି ଭୀଷ୍ମ ଯେ ମୁରାଟ
ଧାତିକାରେ କାଢି ପକାଇଲେ ମଥାରୁ ମୁକୁଟ । ୨୪ ।
ଛାଡିଲେ ବର ବେଶ ବସିଲେ ଭୀଷ୍ମ ମହତମା
ବାଦ୍ୟମାନ ରୁହାଇଲେ ବିଷାଦ ସର୍ବ ଆତ୍ମା । ୨୫ ।
ପ୍ରଶୁରାମ ବୋଇଲେ ଭୀଷ୍ମ କିଂପାଇ ବିରସିଲୁ
ବରବେଶ ତେଜି କି- । ମୁକୁଟ ଫେଇଲୁ । ୨୬ ।
ଭୀଷ୍ମେ ବୋଇଲେ ତୁମ୍ଭେ ଶୁଣ ରାଜଦେବେ
ମୋହୋର କିସ ବିଭା ଯେ ପିତାର ଅଭାବେ । ୨୭ ।
ଅନେକ ବାଗେ ପିତା ଅର୍ଜଇ ହାଦେ ପୁତ୍ର
ପୁତ୍ରବାଞ୍ଛା କରଇ ଯେ ବଂଶରକ୍ଷା ହୋଇବା ନିମନ୍ତ । ୨୮ ।
--------
୨୧ ।୨  ୟେ ପୁତ୍ରର ପୁତ୍ର ହାଥେ ତୁ ହୋଇବୁ ବିଷାବଳି ।
୨୪ ।୧  ମୁରାଟ-ତେଜୀୟାନ ।

ମୋହୋର ପୁତ୍ର ହୋଇଲେ ଯେବେ ପିତା ନାଶ ଯିବ
ସେ ବିଭାରେ ହାଦେ ମୋର କିସ ଧର୍ମ ଉପୁଜିବ । ୨୯ ।
ପୁତ୍ର ସେ ରକ୍ଷା ଯେ କରଇ ନିଜ ବଂଶ
ମୋହୋର ପୁତ୍ରରେ ଯେବେ ଶାୟେନ୍ତନୁ ପ୍ରାୟେ ପିତା ଯିବେ ନାଶ । ୩୦ ।
ଆବର ବିଭାୟେଣ ମୋର କିସ ପିରୋଜନ
ଛାଡିଲି ମାୟା ମୋହ ନୋହୁ ଯେ ସନ୍ତାନ । ୩୧ ।
ତାହାଣାବ୍ରତେକ ଶଙ୍ଖେ ଜଳତିଳ ଲାଇ
ଦାରା ସଂଘରିଲେ ଭୀଷ୍ମେ ସଂକଳ୍ପ କରାଇ । ୩୨ ।
ଶରୀରେ ଆୟୁଷ ଥାଇଂ ମୋହୋର ଯେତେକାଳ ପରିଯନ୍ତେ
ସତ୍ୟ ସତ୍ୟ ତିନିବାର ସତ୍ୟ ଅଲଙ୍ଘିତ ନିୟମ ଅଛି ମୋତେ । ୩୩ ।
ନୋହୁ ନୋହୁ ଭାରିଯା ପୁତ୍ର ସନ୍ତାନହିଂ ପଛେ ନୋହୁ
ଯେମନ୍ତେ ଶାୟେନ୍ତନୁ ମୋର ଚିରଆୟୁ ରହୁ । ୩୪ ।

ଉପେଖିଲେ କାମ ମୋହ ସଂଘରଣ କଲେ ଦାରା
ଯାବତ ଉଦୟେ ହୋଇବେ ଚନ୍ଦ୍ର ଦିବାକରା । ୩୫ ।
ତୋହୋର ୟେତେ ବିରସ ମୋହୋର ବିଭା ଶୁଣି
ପରମ ଯୋଗୀ ପୁରୁଷ ସେ ଭୀଷ୍ମ କ୍ଷତ୍ରି ଚୂଡ଼ାମଣି । ୩୬ ।
ସାଚୋ ସାଚୋ ବାରତା ଶୁଭଇ ପଦ୍ମଦଳ ଦେଶେ
ଭୀଷ୍ମେ ବିଜେକରି ଆସୁଅଛନ୍ତି ବର ବେଶେ । ୩୭ ।
ବରଣ କାଳେ ଯେତେ ଯୁବତୀ ଜନେ ଆସି
ଅମ୍ବା କନ୍ୟାର ଆଗରେ ସମସ୍ତେ ପରଶଂସି । ୩୮ ।
ଧନ୍ୟ ଧନ୍ୟ ତୁ ପୁଣ୍ୟ କରିଥିଲୁ ଗୋ ଆୟି
ଗଙ୍ଗାର ନନ୍ଦନ ଭୀଷ୍ମେ ହୋଇବେ ତୋହୋର ଗୋ ସାଇଂ । ୩୯ ।

--------

୨୯ ।୧  ବିଭାୟେଣ କିସ ମୋର ପଉରୋଷ ।
୨୯ ।୨  ମୋହୋର ପୁତ୍ର ହସ୍ତେ ଯେବେ ପିତା ହେବେ ପ୍ରାଣ ନାଶ ।
୩୪ ।୨  ସ୍ୱଚ୍ଛେ ପିତା ସାୟେଂତନୁ ମୋର ଚିରଜୀବୀ ଥାଉ ।
୩୫ ।୨  ଯାବତ ରହିଥିବେ ଯେ ଚନ୍ଦ୍ର ଦିବାକରା ।
୩୭ ।୧  ସଂଗେ ସଂଗେ ଶବଦ ଶୁଭଇ ପଦ୍ମଦଳ ଦେଶେ । ସାଜ ସାଜ ମଧ୍ୟ ପାଠାନ୍ତର
୩୫ ।୧  ସଂଘରଣ-ସଂହରଣ, ହ ସ୍ଥାନରେ ଘ ।
୩୭ ।୧  ସାଚୋ ସାଚୋ-ଏକାଠି ଲାଗିପଡ । ୩୯ ।୨ ସାଇଂ-ସ୍ୱାମୀ

ପିତା ମାତା ତୋର ସାର୍ଥକ, ଜୀବନ ତୋର ଧନି
ଶୁଭକ୍ଷଣେ ଉପୁଜିଲୁ ଅମୃତ ଯୋଗ ଘେନି । ୪୦ ।
ଅନେକ ସାନନ୍ଦେ ଯେ ଉତ୍ସବ ରାୟେ କରି
ଭୋଜନ ଯୋଗାଡ ଯଉତୁକ ସମ୍ଭାର ଆଦିକରି । ୪୧ ।
ରଥ ଗଜ ଅଶ୍ୱ ପାଦାନ୍ତି ଘେନି ଅନେକ କୋଟି
ସମ୍ଭରେ ପଦ୍ମନାଭ ରାଜା ଆସଇ ପାଛୋଟି । ୪୨ ।
ଦଣ୍ଡ ଘେନି ରାଜା ଆସଇ ପୃଥିବୀ ପୂରନ୍ତେ
ତ୍ରିପୁରା ନଦୀର ଯେ ଉତ୍ତର ତଟାନ୍ତେ । ୪୩ ।
ଭୀଷ୍ମଙ୍କର ତହିଂକି ଯେଉଁ ଦୂତେ ଯାଇଥିଲେ
ବାହୁଡି ବିସ୍ମୟ ହୋଇଣ ଆସି ପଦ୍ମନାଭକୁ କହିଲେ । ୪୪ ।
ଭୋ ସ୍ୱାମି ଭୀଷ୍ମ ମହାରଥୀ ବିଭାହୋଇ ଆସୁଥିଲେ
ଆସନ୍ତେଣ ପିତା ଶାୟେଂତନୁ ନିରୋଧିଲେ । ୪୫ ।
ଯୋଗାଡ ମାନନ୍ତ ଠାବେ ଠାବେ ରୁହାଇଲେ
ବରଜାତି ଲୋକମାନେ ସବୁ ବାହୁଡିଣ ଗଲେ । ୪୬ ।
ପଦ୍ମନାଭ ବୋଇଲେ ମୁଂ କେବଣ ପାପ ଦୋଷୀ
କି- ।ଇଂ ନିରୋଧ କଲେ ଶାୟେଂତନୁ ମହରଷି । ୪୭ ।
ବାହୁଡଇ ନରନାଥ ଆପଣା ନିଜ ପୁରୀ
ଚାରଗଣ ବଚନକୁ କେବେହେଂ ସଂପ୍ରତେ ନ କରି । ୪୮ ।
ସେ ଦିନକଇଂ ବାଟ ଚାହିଂ ରହିଲା ନରପତି
ସେ ଯୋଗାଡ ମାନ ସବୁ ବିନ୍ୟାସିଲେ ବରଜାତି । ୪୯ ।
ଦିନା ଚାରି ବାଟ ଚାହିଂ ରାଜା ବିମୁଖ ହୋଇଲା
ଜଉନାଭ ବୋଲି ତାର ପୁତ୍ରକୁ ବରଗିଲା । ୫୦ ।
ୟେଥିର ତଦନ୍ତ ବାବୁ ବୁଝସିରେ ଯାଇଂ
ଭୀଷ୍ମେ ବିଭା ହୋଇ ନ ଅଇଲେ କିସ ପାଇଂ । ୫୧ ।
ରାଜାର ବଚନେ ତହୁଂ ଗଲେ ବେନି ପୁତ୍ରେ
ସପତ ଦିନେ ପ୍ରବେଶ ହୋଇଲେ ବାରୁଣାବନ୍ତେ । ୫୨ ।

-------

୪୩ ।୧  ଦଣ୍ଡଘେନି ରାଜା ଆସନ୍ତେ ପୃଥିବୀ ପୂରଇ
୪୩ ।୨  ତିନିପୁର ଲୋକେ ଦେଖି ତାଟଙ୍ଗା ଯେ ହୋଇ ।।

ଶାୟେଂତନୁଙ୍କୁ ପ୍ରଣପତ୍ୟ ଜଉନାଭ ସଉନାଭ
ସ୍ୱାମୀ ବିଭା ହୋଇ କିଂପା ନ ଗଲେ ଭୀଷ୍ମଦେବ । ୫୩ ।
ଶାୟେଂତନୁ ବୋଇଲେ ସେ ଦାରା ସଂଘରିଲା
ଆମ୍ଭର ନିମନ୍ତେ ସେ ବିଭା ଯେ ନୋହିଲା । ୫୪ ।
ତୁମ୍ଭେ ଆବର ଭୀଷ୍ମଙ୍କୁ ନ କରିବ ବାବୁ ଆଶ
ଆନକୁ ପ୍ରଦାନ କର ଯାଅ ହୋଇଣ ନିରାଶ । ୫୫ ।
ଭୀଷ୍ମଙ୍କୁ ରାଇ ଆଣିଲେ ପିତା, ତାହାଙ୍କର କତି
ବାବୁ ପଦ୍ମନାଭ ରାଜା ପଠିଆଇଲା ପୁତ୍ର ଯେ ଦୁହିନ୍ତି । ୫୬ ।
କନ୍ୟା ଗୋଟିକି ବାବୁ ତୁ ହୁଅସି ପ୍ରଦାନ
ସନ୍ତାନ ନଥିଲେ ତୁଟଇ ଧର୍ମମାନ । ୫୭ ।
ଭୀଷ୍ମେ ବୋଇଲେ ଆବର ହୋଅଇ କି ସେ କଥା
ମୋହୋରେ ନାଶ ଯିବ କି ତୋହୋର ପ୍ରାୟେ ପିତା । ୫୮ ।
ଅନେକ ଜଣାବନ୍ତେ ନାସ୍ତିହିଂ ସେହୁ କଲେ
ରାଜାର ବେନି ପୁତ୍ରେ ବାହୁଡିଣ ଗଲେ । ୫୯ ।
ଆପଣା ରାଜ୍ୟରେ ସେ ହୋଇଲେ ପରବେଶ
ପିତାଙ୍କୁ ବାରତା କହିଲେ ତାତ ଛାଡସି ଭୀଷ୍ମଙ୍କର ଆଶ । ୬୦ ।
ପିତାର ନିମନ୍ତେ ସେ ସଂଘରିଲେ ଦାରା
ସଂକଳ୍ପ କରିଣ ସେ ଛାଡିଲେ ମହାବୀରା । ୬୧ ।
ପୁତ୍ରଙ୍କର ମୁଖରୁ ୟେସନେକ ବାଣୀ ଶୁଣି
ବିଚାରି ବୋଇଲା ସେ ପଦ୍ମନାବ ନୃପମଣି । ୬୨-୬୪୬ ।

------

୫୪ ।୨  ଆମ୍ଭର ନିମନ୍ତେ ବାଭିୟେ ବିଭା ସେ ନୋହିଲା ।
୫୭ ।୨  ସନ୍ତାନ ନଥିଲେ ନ ଗଛଇ ଧର୍ମମାନ ।
୫୯ ।୧  ଅନେକ ମତେ ମନାଇ କହିଲେ, ନାସ୍ତି ସେହୁ କଲେ ।
୫୮ ।୨  ମୋହୋରେ-ମୋଦ୍ୱାରା । ୬୧ ।୧ ସଂଘରିଲେ-ସଂହରିଲେ-ଛାଡିଲେ